କବି ଶମ୍ଭୁନାଥ ଦାସଙ୍କ ବିରଚିତ

ମନ୍ଦୋଦରୀ ଚଉତିଶା

ପ୍ରକାଶକ

ଶ୍ରୀରାଧାରମଣ ପୁସ୍ତକାଳୟ

ନୂତନ ସଂସ୍କରଣ

ପ୍ରାପ୍ତିସ୍ଥାନ :—

ଶ୍ରୀରାଧାରମଣ-ପୁସ୍ତକାଳୟ

ବାଲୁବଜାର, କଟକ

ପୋ: ଚାନ୍ଦନୀଚୌକ

ମୂଲ୍ୟ ଟ ୦ /   ଏକଅଣା ମାତ୍ର

Digitized by srujan ka@gmail.com

ମନ୍ଦୋଦରୀ ଚଉତିଶା

ରସକୋଇଲି ବାଣୀ

କହଇ ମନ୍ଦୋଦରୀ ଯୋଡ଼ି କର । କୃପା ଅମୃତ କର ଦଶଶିର । କନକପୁରୀ କନକ ପାଚେରୀ । କରନ୍ତି ନୃତ୍ୟ ସ୍ୱର୍ଗଅପ୍ସରୀ ସେ । କୃତାନ୍ତକ ଯାର ବାଧ୍ୟ ଯେ । କୁଶଧରସୁତ ଆଳାପନ୍ତି ଗୀତ କରଣ ବୀଣାଶବଦ ଯେ । ୧ । ଖାଇବା ଦ୍ରବ୍ୟ ସମ୍ପାଦଇ ଚନ୍ଦ୍ର । ଖଟନ୍ତି ଦ୍ୱାରପାଳ ହୋଇ ଇନ୍ଦ୍ର । ଖଟ୍ୱାଙ୍ଗଧର ଖଟି ତୁମ୍ବୁ ପାଶ । ଷଣକଟି ବାଦ୍ୟ କରେ ପ୍ରକାଶ ସେ । ଖଞ୍ଜରୀ ମଦରୀ ବାଦ୍ୟ ଯେ । ଖୋଳ କରତାଳ ଝାଞ୍ଜାଳ ବାଜଇ ଗଞ୍ଜଇ ସ୍ୱର୍ଗ ସମ୍ପଦ ଯେ ।୨। ଗଜ ଅଶ୍ୱ ରଥୀ ପଦାତି ଯେତେ । ଗଣି ଗଣି ମୁଁ ତା କହିବି କେତେ । ଗଣ୍ଡା ଦୁଇ ଓଡ଼ଶା ପଟଣେ ନନ୍ଦନ । ଗଣିତା ବତଶଷଜଣି ସୈନ୍ୟ ସେ । ଗହଣେ ଖଟେ ତୁମ୍ବୁର ଯେ । ଗଡ଼ କୁବଳୟୀକୁ ବେଢ଼ି ଅଛଇ ଲବଣ ନାମେ ସାଗର ଯେ । ୩ । ଘରଣୀ ତନକୋଟି ପାଞ୍ଚଲକ୍ଷ । ଘେନି ଭୋଗକର ବିଶ୍ୱାବସୁ । ଘେ ରବନେ ଥିଲେ ଶ୍ରୀରାମ ନାରୀ । ଘେନି ଅଇଲ ତା କେଶ ଷତ୍ରିର ସେ । ଘଉଡ଼ ଦଅ ସେ ଯାଜ ଯେ । ଘଟେ ଥିଲେ କଷ୍ଟେ ବଚଓ ପଡ଼ିବ ମୋ ବୋଲ ତରିବାହେତୁ ହେ ॥ ନୀଳକଣ୍ଠ ରୂପ ଭାଙ୍ଗିଲେ ହେଲେ । ନାଶିଲେ ତାଡ଼କା ଅସୁରୀ ବନେ । ନାରଦ ଋଷି କହୁଛନ୍ତି ପୂର୍ବେ । ନିଦାନ ବେଳକୁ କହିଲି ଏବେ ସେ ।

Digitized by srujan ka@gmail.com

ନାମ ଯାର ମାନ୍ଧାଧର ହେ । ନଖ ଟେକନ ଧରଣୀକୁ ବିଦାରିଲେ ସ୍ତମ୍ଭୁ ହୋଇ ଅବତାର ହେ । ୫ । ଚରଣ ଲାଗି ଗଉତମ ନାରୀ । ଚଦଋଷି ଶାପୁଁ ହୋଇଲା ପାରି । ଗ୍ରେସରି ଅଣିଲ୍ ତାଙ୍କ ଯୁବତୀ । ଚୁହୁଁ ଚୁହୁଁ ଯିବ ଏଡ଼େ ସମର୍ଥ ସେ । ଚରଣ ଧରି କହୁଛି ହେ । ଚନ୍ଦ୍ରମୁଖୀ ସୀତାଙ୍କୁ ନ ଦେଲେ ନିଶ୍ଚେ ବିପତ୍ତି ପଡ଼ୁଛି ହେ ॥ ଛପନଗଣ୍ଡା ଯୁଗ ଆୟୁ ତୋର । ଛନସମ ନାହିଁ ସଚରାଚର । ଛଳ କଥାରେ ବଳାଇଲୁ ମତି । ଷଣକେ ଯିବ ତ ଏଡ଼େ ସମ୍ପତ୍ତି ସେ । ଛବିକୁଳକାଳ ରାମ ଯେ । ଛେଦଦେଲେ ଖର ଦୂଷଣ ତ୍ରିଶିରାଙ୍କୁ ରଖିବାକୁ ନାହିଁ କ୍ଷମ ଯେ ॥ ଯାହାଙ୍କ କଣ୍ଠ ନାରୀଚ ବାଳା । ଜୀବ ହରାଇ ପଡ଼େ ମହିଷ୍ଟୁଳୀ । ଜାଣିଟିକି ହନୁ ଅଇଲା ଏକା । ଜୁଇ ଲଗାଇ ପୋଡ଼ିଦେଲା ଲଙ୍କା ସେ । ଜିଣିଲା ଜମ୍ବୁମାଳିଙ୍କୁ ଯେ । ଯେତେ ଥିଲ କଥା ଥାଉ ଲଙ୍କପତି ବିଚାର କର ଏଣିକି ହେ ॥ ଝୀନବାସ ଯେଣୁଥାଇ କୁବେର । ଝରି ଯେଣୁଥାଇ ଯେ ରତ୍ନାକର । ଝୁଲାଇ ଦଅଇ ପବନ ଦୋଳି । ଝଳକରେ ଶଙ୍ଖାସୁର ଦୁଲ୍ଲଳୀ ସେ । ଝଞ୍ଜାବାତ ନ ବହଇ ଯେ । ଝିମିଟେ ଲତାଏ ମୁହାଁଉଁ ନିମିଷେ ବୃହସ୍ପତି ପାଞ୍ଜି କହୁ ଯେ ॥ ନିଗମ ଗାନ କରନ୍ତି ବିଧାତା । ନାତି ତେରଶତ ତୋର ଗଣତା । ନାଗ ବିଦ୍ୟାଧର ଯକ୍ଷ କିନ୍ନର । ନାହିଁ ସମ ତୋ ତେ ସଚରାଚର ସେ । ନୃପତି ମୁକୁଟମଣି ଯେ । ନିଷ୍ଠୁ ଅମ୍ଭଙ୍କୁ ଅନାଥ ନ କର ଘେନ ମୋର ଏ ଦଇନା ହେ ॥ ଟେକିଲ ଯେ କଇଳାସକନ୍ଦର । ଟାହୁରୁ ଶାପ ଦେଲେ ନନ୍ଦୀଶ୍ୱର । ଟାଣେ ବେଦବର କହୁଛି ଯାହା । ଟିକିଏ ମାନସେ ବିଚାର ତାହା ଯେ । ଟାହୁ ନ ମଣ ମୋ ବୋଲ ହେ । ଟାଣରେ ନଳକୁବେର ଶାପ ଦେବା କଥାକୁ କିପାଇଁ ଭୁଲ ହେ । ଠାକୁର ଶ୍ରୀରାମ ଜାଣ ଅଚ୍ୟୁତ । ଠିକ କଥା କହେ ଶୁଣ ହେ ନାଥ । ଠିକେ କହୁଛନ୍ତି ବ୍ରହ୍ମାନନ୍ଦନ । ଠାକୁରାଣୀ ହେବୁ ଅଳପଦିନ ରୁ । ଠିକଣା ହେବ

Digitized by srujan ka@gmail.com

କି ତାହା ଯେ । ତଣମୁଖୀ ସୀତା ରାମଙ୍କୁ ନ ଦେଲେ ନଷ୍ଟପ୍ରୁ ଘଟିବ ଏହା ଯେ । ତରଜକୁ ସଙ୍ଗ କରହ ରାବଣ । ତାଳ ମର୍କଟଙ୍କୁ କି ତର ପୁଣ । ତେଉଁଥିଲେ କପି ସାଗରକୂଳେ । ତାଙ୍କ ଅଣି ରାମ ତାହାଙ୍କ କଲେ ଯେ । ତରଜ ଅଛନ୍ତି ମୋତେ ଗୋ । ତେଲି ପଳାଇବେ ଗୋଟିଏ ନ ଥିବେ ମୋହର ନାରାଚଘାତେ ଗୋ । ତୋଳକୁ ଇଚ୍ଛାରେ ଗଳାରେ ଫେଇ । ତାଉଁ ତାଉଁକୁ ତରବା ନୃଜଇ । ତାଳେହେଁ ବାନରକୁ ନାହିଁ ଡର । ତୋକବ ଶୋଣିତ ଅଙ୍ଗୁ ଭାଙ୍ଗର ଯେ । ତାଳେ ନ ପାଞ୍ଚ ମନରେ ଗୋ । ତମପଣେ ବଣେ ମରଣକୁ ଲୋଡ଼ି ସ୍ୱଦେଶ୍ୟ ମିଳଲେ ମୋ ପୁରେ ଗୋ । ଅରଣ୍ୟକ ବୋଲି ଏକ ନୃପତି । ଅଯୋଧ୍ୟା ନଗରେ ଅଟଇ ସ୍ଥିତି । ଏକା ରୂପକେ ଛେଦିଲି ତା ଶିର । ଅଜମାନଙ୍କୁ ଭ୍ରାନ୍ତି ନାହିଁ ମୋର ସେ । ଅତଙ୍କ ନୃହ ତୁ ସତୀ ଗୋ । ଅବଶ୍ୟ ରାମ ଲକ୍ଷ୍ମଣଙ୍କୁ ବାନ୍ଧି ମୁଁ ଅଣିଦେବି ତୋର କତ ଗୋ । ତାର ସୁତକୁ ପକାଇବି ମାରି । ନିକଟା ତାତ କି ଯିବ ଉଦ୍ଧରି । ତପନସୁତ ଆଖିରେ ଦେଖିବ । ତନ୍ତୁ ତେଜି ଯମାଳୟକୁ ଯିବ ସେ । ତରୁଣୀରତନ ଶୁଣ ଗୋ । ତିନି ଭୁବନରେ ସଂଗ୍ରାମ ଭୂମିରେ କେ ଅଛୁ ମୋର ସମାନ ଗୋ । ଥିର ହୁଅ ସଖି ମୋହର ବୋଲେ । ଥାଇ ଦୁଃଖ ସୁଖ ଶରୀର ଥିଲେ । ଥିବ ଯାହା ସ୍ୱଦେଶ୍ୟ ହେବ ଘଟନା । ସ୍ଥିରମତି ଚିନ୍ତ ନୃହ ବିମନା ତୁ । ଥିଲେ ତ ଅଣ ନ ଥାଇ ଗୋ । ଥାଣୁଶିରକୁ ଚନ୍ଦ୍ରମା ଗଳପ୍ରାପ୍ତେ ଅବଶ୍ୟ ଭୋଗ ମିଳଇ ଗୋ । ଦଇବ ଦଉଡ଼ି ଗୋରୁ ଏ ଜୀବ । ଦଇବ ବଳରେ ହୁଅଇ ସବୁ । ଦଶରଥଘରେ ହୋଇଲେ ଜାତ । ଦେଖି ଲଙ୍କାରେ ଯୁଝିବେ କେମନ୍ତ ସେ । ଦଇବ ଅଣିଛୁ ବାନ୍ଧି ଗୋ । ଦେଖୁଥିବ ଅଙ୍ଗି ତୋର ପ୍ରାଣସଖି କାଲି ପକାଇବି ବାନ୍ଧି ଗୋ । ଧର ବୋଲେ କହେ ମନ୍ଦୋଦରୀଙ୍କି । ଧୀର ହୁଅ ସଖି କାନ୍ଦୁ କାହିଁକି । ଧରଣୀ ସାଧିଲି

Digitized by srujan ka@gmail.com

ଯୌବନ ଛାଡ଼ିଲେ । ଧରିବାକୁ କେହି ନ ଥିଲେ ବଳେ ସେ । ଧନ ପୁଞ୍ଜହେବ କାଲ୍ ଗୋ । ଧରି ଅଣିବଇଁ ଶ୍ରୀରାମସଇନ୍ୟ ଏହା ମୁଁ ସତ୍ୟ କହିଲି ଗୋ ॥ ଜିଣି ନ ପାରୁଁ କରିବ ସମର । ନାଥ ପୁତ୍ର ମଲେ ନାହିଁ ମୋ ଡର । ନିଶାଣ ଦେଇ କରିବ ଉଚ୍ଛାହ । ଜିଣି ନ ପାରୁଁ ଚଳିଯିବେ ଥାଉ ସେ । ନିଦ ଘାରିଲା ନୟନେ ଯେ । ନିଦେ ମନ୍ଦୋଦରୀ ଶୁଅନ୍ତେ ଦେଖିଲା ରାବଣ ମୃତ୍ୟୁ ସ୍ୱପନେ ଯେ । ପାହିଲା ନିଶି ଫାଟିଲା ତମିସ୍ର । ପଡ଼ିଲା ଢୋଲ୍ ଦମକ ମହୁରୀ । ପୁତ୍ର ନାତିସବୁ ହେଲେ ବାହାର । ପଞ୍ଚାଶ ଯୋଜ୍ଞା ମହାବଳଅର ସେ । ପୁଷ୍ପରଥେ ଲଙ୍କପତି ଯେ । ପୂର୍ବ ଘଡ଼ଦ୍ୱାରେ ବାହାର ହୋଇଲା ଉଡ଼ାଇ ଧବଳଛତ୍ରୀ ଯେ । ଫରି ଧରେ କେତେ ତୀର କମାଣ । ଫେରାଇବା କେହି ମାରଇ ପୁଣ । ଫରହର ଉଡ଼େ ଛତ୍ର ଚାମର । ଫୁଙ୍କାର କରି ଉଠନ୍ତି ମାଲ ସେ । ଫେଣ୍ଡ଼ ତା କହିବ କେତେ ଯେ । ଫରି ଖଣ୍ଡା ତୀର କମାଣ ଅପାର ଧରିଛନ୍ତି ବୀର ଯେତେ ଯେ । ବଳାନ୍ତି ରାମଦଳ ସର୍ବେ ମିଳି । ବିବିଧବାଦ୍ୟ ମଙ୍ଗଳ ମହୁରୀ । ବାୟୁବେଗରେ ସେ ମାଡ଼ିପଡ଼ିଲେ । ବାରତା ଯାଇ ରାମଙ୍କୁ କହିଲେ ସେ । ବାହାର ହୋଇଲେ ଥାଉ ଯେ । ବେଗେ ନିତ୍ୟକର୍ମ ସମାପନ କରି ବଳେ ଦଶରଥସୁତ ଯେ । ଭଲ୍ଲୁକ ଅସୁର ସୈନ୍ୟ ମର୍ଦ୍ଦଉ । ଭେଟ ପଡ଼ିଲେ ଦୁଇବଳ ଥାଉ । ଭାଙ୍ଗିଲେ ରଥ ପକାଇ ପର୍ବତ । ଭୂମି କମ୍ପଇ ଅତି ଅଲେକ୍ଷିତ ସେ । ଭୁବନଦାବଣ ରାମ ଯେ । ଭାବେ ବଂଶୀଦାସ ଶରଣ ପଶିଲି ହୋଇବାକୁ ପୂର୍ଣ୍ଣକାମ ଯେ । ମାର ମାର ବୋଲ୍ ଶୁଭିଲା ରଣ୍ଡ଼ । ମେରୁ ପର୍ବତ କି ପଡ଼ିଲା ଖଣ୍ଡ଼ । ମୁଖଶବଦ ବାଣର ଗର୍ଜନ । ମେଘଶବଦ କି ପବିପତନ ସେ । ମୁଣ୍ଡେ କେ ପିଟେ ମୁଷଳ ଯେ । ମାଲ ରଣେକରି ପଡ଼ ଗଡ଼ ଯାନ୍ତି ଭୂଇଁକି ଭୁଜ ପଡ଼ିତାଳ ଯେ ॥ ଜାମ୍ବବ ନଳ ନୀଳ

Digitized by srujan ka@gmail.com

ହନୁମନ୍ତ । ଯୂଥପତିମାନେ ସେହି ସଙ୍ଗତ । ଯେତେ ସୈନ୍ୟ ଥିଲେ ଅଶ୍ୱ ସାରଥୀ । ଯୁଦ୍ଧେ ମାରନ୍ତି ନ ଯାନ୍ତି ବରତ । ଜାମ୍ବୁଭଙ୍ଗି ମଲ କେତୁ ଯେ । ଯୁଦ୍ଧ ଘାଟେ କାହା ଶିର ଛିଣ୍ଡ଼ି ଗଲା ଦେଖୁଅଛୁ ଲଙ୍କନାଥ ଯେ ॥ ରାମ ରାବଣର ପଡ଼ିଲା ଭେଟ । ରାହୁପ୍ରବେଶ କି ଚନ୍ଦ୍ର ନିକଟ । ରାଘବ ବିନ୍ଧିଲେ ସହସ୍ରେ ବାଣ । ରାବଣ ଛେଦିଲା ପ୍ରତିଶରେଣ ସେ । ରାମ କଲେ ପୁଣି ଶର ଯେ । ରଙ୍ଗେ ଫୁଟିଗଲା ହୃଦସ୍ଥ ଭିତରେ ନ ମଲା ସେ ନିଶାଚର ଯେ ॥ ଲକ୍ଷ୍ମଣଙ୍କୁ ସେହୁଭାବେ ଯୁଝିଲେ । ଲକ୍ଷ ଲକ୍ଷ ରଥୀ ଗଜ ନାଶିଲେ । ଲକ୍ଷ ପାଞ୍ଚ ନାଶକଲେ ସେ ଅର୍ବ । ଲେଖାନାହିଁ ଅଶ୍ୱ ପଦାତି ସର୍ବ ସେ । ଲଙ୍କପତି ଭାବି ଥିଲା ଯେ । ଲକ୍ଷ ଲକ୍ଷ ବାଣ ବିନ୍ଧି ବିଭୀଷଣ ଅସଂଖ୍ୟ ରକ୍ଷ ନାଶିଲା ଯେ । ବାଜିଲାକ ରଣଗୋଳ ଧନ୍ଦୋଳ । ବାଜିଲା ଦମକ ରବ ଚହଳ । ତାରଣ ନ ଯାଇ ଦିବସ ରାତି । ବାନରେ ଅସୁରେ ଶଙ୍କା ନ ଯାନ୍ତି ସେ । ବିମାନ ସ୍ୱର୍ଗୁଁ ଆଇଲା ଯେ । ବସିଣ ରଥେ ମାର ବୋଲି ମାତଳୀ ଶ୍ରୀରାମ ଆଗେ କହିଲା ଯେ । ଶ୍ରୀରାମ ରଥରେ ବସିଲେ ଯହୁଁ । ସମସ୍ତ ଦେବେ ତୋଷ ହେଲେ ତହୁଁ । ଶ୍ରୀକରେ ଧଇଲେ ବ୍ରହ୍ମଶରକୁ । ଶୀଘ୍ରେ ନାଶିବାକୁ ଦଶଶିରକୁ । ଶ୍ରୀରାମ ଧରନ୍ତେ ଶର ଯେ । ଶୁଖିଗଲା ମୁଖ ଦେଖି ଲଙ୍କପତି ବୋଇଲା ମଲି ଏଥର ଯେ । ସୁମରି ଶ୍ରୀରାମ ବିନ୍ଧନ୍ତେ ଶର । ଶୀଘ୍ରେ ପଡ଼ି ମଲା ତେତେ ଅସୁର । ଶୋକ କରନ୍ତି ସର୍ବ ରାଣୀଗଣ । ସ୍ୱର୍ଣ୍ଣପୁରର ରାଜା ବିଭୀଷଣ ସେ । ଶବକୁ ଅନଲେ ଦରି ଯେ । ସମସ୍ତ ଦେବଙ୍କ ତୋଷ କଲେ ରାମ ଲଙ୍କପତି ନାଶ କରି ଯେ । ସମସ୍ତ ଦେବ ଆନନ୍ଦ ହୋଇଲେ । ଶ୍ରୀରାମସମ୍ମୁଖରେ ଯାଇ ମିଳିଲେ । ଶ୍ରୀପଦତଳେ କଲେ ନମସ୍କାର । ସ୍ୱର୍ଗୁଁ ଆଇଲେ ଦଶରଥ ବୀର ସେ । ସୀତା ଅନଳୁଁ ବାହାର ସେ । ସୁରଙ୍କ ସନ୍ତୋଷେ ଫେରିଲ ଚଳିଲେ ତାହୁଣ୍ଡ଼ ଅଯୋଧ୍ୟାପୁର ଯେ ॥ ହୋଇଲେ ଯାଇ ସେ ଅଯୋଧ୍ୟାରାଜା ।

Digitized by srujan ka@gmail.com

ହରଷ ହୋଇଲେ ଜନପରଜା । ହେଲେ ଅନନ୍ଦତ ଜନମା-ମାନେ । ହତଗଲା ପାପ ଦେଖି ନୟନେ ସେ । ହରଷେ ମଣୋହ୍ର ବଲେ ଯେ । ହନୁମାନଅଧ ସଙ୍କଳେ ଭୁଞ୍ଜିଲେ ଲକ୍ଷ୍ମୀ ଅଙ୍କ ପରଷିଲେ ଯେ । ଷମରେ ଯେ ଯାହା ପୂରକୁ ଗଲେ । ହିତପତମାନେ ମେଲଣି ହେଲେ । ଷମାପତ ହୋଇ ଜାନକୀ-ନାଥ । ଷମାଗୁଣେ ଢୋଷି ପରକାଶନ୍ତ ସେ । ଯୋଭ ମନ୍ତ୍ରୀ ଭଲେ ନାଶ ଯେ । ଷିତପତନାଥ ଜଗତେ ବଦନ ଷମେ ଭଣେ ଭଣିଦାସ ଯେ ।

ସ ମା ପ୍ତ

ମୁଦ୍ରାକର—ଶ୍ରୀଲକ୍ଷ୍ମୀଧର ଗଡ଼ବଡ଼ୁ, ଶ୍ରୀରାଧାରମଣ ପ୍ରେସ,
କଟକ—୧୯୫୫

Digitized by srujan ka@gmail.com

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକସବୁ ବିକ୍ରୟ ନିମିତ୍ତ ରକ୍ଷିତ ଅଛି । ବହୁଗୁଡ଼ିକ
ସୁନ୍ଦର ଛାପା, ସରସ କାଗଜ ଓ ନାନାଦି ଚିତ୍ର
ଶୋଭିତ । ଅଗ୍ରିମ ସହ ଅର୍ଡ଼ର ପଠାଇଲେ
ଉଚିତ କମିଶନ ଦିଆଯାଏ ।

ଶ୍ରୀମଦ୍ଭାଗବତ ୧ ସେଟ୍	ଟ ୧୦ /
ବତିଶ ସିଂହାସନ	ଟ ୧ ।
ବେତାଳ ପଞ୍ଚବିଂଶତି	ଟ ୧ /
ବିଦଗ୍ଧ ଚିନ୍ତାମଣି	ଟ ୪ /
ଧ୍ରୁବ ଚରିତ୍ର	ଟ ୧ /
ବାଲ୍ମୀକି ରାମାୟଣ ୧ ସେଟ୍	ଟ ୧୪ /
ନୃସିଂହ ପୁରାଣ ୧ ସେଟ୍	ଟ ୧୨ /
ଅବୋଲକରା କାହାଣୀ ୧ ସେଟ୍	ଟ ୩ /
ଖୁଲଣା ସୁନ୍ଦରୀ	ଟ ୧ /
ମଥୁରାମଙ୍ଗଳ	ଟ ୦ ୳
ମାର୍କଣ୍ଡେୟ ପୁରାଣ	ଟ ୨ ୳
କାର୍ତ୍ତିକ ମାହାତ୍ମ୍ୟ	ଟ ୧ /
ମାଘ ମାହାତ୍ମ୍ୟ	ଟ ୧ /
ଦାର୍ଢ୍ୟତାଭକ୍ତି ୧ ମ	ଟ ୧ /
” ୨ୟ	ଟ ୧ ୳
” ବଡ଼	ଟ ୩ /
ସତ୍ତ୍ୱବୋଧ	ଟ ୧ ୳

ପ୍ରାପ୍ତିସ୍ଥାନ—

ଶ୍ରୀରାଧାରମଣ ପୁସ୍ତକାଳୟ

ବାଲୁବଜାର, କଟକ—୨

Digitized by srujanika@gmail.com